# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 May - 2026

************************************

## ମୁଖ୍ୟ ସମ୍ବାଦ

- ଭିବି-ଜି.ରାମ.ଜି ଯୋଜନାରେ ଗ୍ରାମ୍ୟ ବିକାଶର ରୂପରେଖ ଗ୍ରାମବାସୀ ସ୍ଥିର କରିବେ; କହିଲେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

— ରାୟଗଡ଼ାଠାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ଚତୁର୍ଥ ପର୍ଯ୍ୟାୟ ସ୍ୱିକୃତିପତ୍ର କଲେ ହସ୍ତାନ୍ତର

- ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାଫଳ ଆସନ୍ତାକାଲି ପ୍ରକାଶ ପାଇବ

- ରାଷ୍ଟ୍ର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକଙ୍କର ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ଶ୍ରମିକ ଦିବସ

ଏବଂ

- ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ଗୁରୁ ଗୋମ୍‌କେ ରଘୁନାଥ ମୁର୍ମୁଙ୍କ ଜୟନ୍ତୀରେ ରାଜ୍ୟବାସୀ ଜଣାଉଛନ୍ତି ଶ୍ରଦ୍ଧାଞ୍ଜଳି

## ମୁଖ୍ୟମନ୍ତ୍ରୀ-ଶିବରାଜ

ଦେଶର ସମସ୍ତ ଗ୍ରାମକୁ ସଡକ ସୁବିଧା ସହିତ ସଂଯୋଗ କରିବାକୁ ସରକାର ସଂକଳ୍ପବଦ୍ଧ ବୋଲି କେନ୍ଦ୍ର କୃଷି, କୃଷକ କଲ୍ୟାଣ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ  କହିଛନ୍ତି। **ରାୟଗଡା**ଠାରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟ ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହରେ ଯୋଗଦେଇ ଶ୍ରୀ ଚୌହାନ କହିଛନ୍ତି, ବିକଶିତ ଭାରତ ପାଇଁ ବିକଶିତ ଗ୍ରାମର ଗଠନ ନିତ୍ୟାନ୍ତ ଜରୁରୀ। ଭିବି-ଜି.ରାମ.ଜି ଯୋଜନାରେ ଗ୍ରାମ୍ୟ ବିକାଶର ରୂପରେଖ ଗ୍ରାମବାସୀ ସ୍ଥିର କରିବେ। ୧ ବର୍ଷରେ ଦେଢ଼ ଲକ୍ଷ କୋଟି ରୁ ଉର୍ଦ୍ଧ୍ୱ ରାଶିର ଖର୍ଚ୍ଚ ପାଇଁ ଯୋଜନାରେ ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

**- V/O - (**ଶିବରାଜ ସିଂହ ଚୌହ୍ୱାନ**)**

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୧୫ ହଜାର ୮୦୮ଟି ସଡକ, ୫୨୩ ସେତୁ ମଧ୍ୟରୁ ପ୍ରାୟ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଓଡ଼ିଶା ଉଦାହରଣ ସୃଷ୍ଟି କରିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଗ୍ରାମାଞ୍ଚଳରେ ଗମନାଗମନକୁ ସୁବ୍ୟବସ୍ଥିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଯୋଜନା ଅଧୀନରେ ୮୨୭ଟି ସଡ଼କ ପ୍ରକଳ୍ପରେ ୧ହଜାର ୭୦୧ କିଲୋମିଟର ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୧ହଜାର ୬୯୮

କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କୁ ଗୃହ, ଶ୍ରମିକ କଲ୍ୟାଣ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରାଯାଇଛି ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ରାୟଗଡ଼, ବିଷମକଟକ ଓ ଗୁଣୁପୁର ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଟ୍ରିକ ପରୀକ୍ଷା ଫଳ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ସାର୍ଟିଫିକେଟ୍ ଓଡ଼ିଆ ଭାଷାରେ ଉପଲବ୍ଧ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ଚଳିତବର୍ଷ ଛାତ୍ରଛାତ୍ରୀମାନେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମାଟ୍ରିକ୍ ସାର୍ଟିଫିକେଟ୍ ପାଇପାରିବେ ବୋଲି ଗଣଶିକ୍ଷାମନ୍ତ୍ରୀ **ନିତ୍ୟାନନ୍ଦ ଗଣ୍ଡ** କହିଛନ୍ତି ।

ଚଳିତ ମାସ ତୃତୀୟ ସପ୍ତାହରେ ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି । ଫେବୃୟାରୀ ୧୮ ତାରିଖରୁ ଯୁକ୍ତଦୁଇ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଚଳିତଥର ୪ ଲକ୍ଷ ୧ ହଜାର ୬୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

ଆସନ୍ତାକାଲି ଅପରାହ୍ଣରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବ । ଏନେଇ ପରିଷଦ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ପ୍ରଦାନ କରାଯାଇଛି । ଇଣ୍ଟରନେଟ୍ ନଥିବା ଅଞ୍ଚଳରେ ରୋଲ୍ ନମ୍ବରକୁ ଏସ୍‌ଏମ୍‌ଏସ୍

କରି ପରୀକ୍ଷାଫଳ ଜାଣି ହେବ ବୋଲି ବୋର୍ଡ ସଭାପତି **ଶ୍ରୀକାନ୍ତ ତରାଇ** କହିଛନ୍ତି।

## ବୁଦ୍ଧ ଜୟନ୍ତୀ

ସତ୍ୟ ଏବଂ ଅହିଂସାର ପଥ ପ୍ରଦର୍ଶକ ଭଗବାନ ବୁଦ୍ଧଙ୍କର ଜୟନ୍ତୀ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି । ଭଗବାନ ବୁଦ୍ଧ ଆଜିର ଦିନରେ ବୌଦ୍ଧ-ଗୟାଠାରେ ମହାବୌଧି ଗଛ ମୂଳରେ ନିର୍ବାଣ ପ୍ରାପ୍ତ କରିଥିଲେ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ବୁଦ୍ଧ ପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭଗବାନ ବୁଦ୍ଧଙ୍କ ନୀତି, ଆଦର୍ଶ ଓ ମାର୍ଗ ଅନୁସରଣ କରିବା ଦ୍ୱାରା ମାନବଜାତି ଶାନ୍ତି, ସଂପ୍ରିତୀ ଓ ସମୃଦ୍ଧି ଲାଭ କରିବ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ବୁଦ୍ଧ ପୂର୍ଣ୍ଣିମା ଅବସରରେ ସମସ୍ତ ଦେଶବାସୀଙ୍କୁ ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରିବା ପାଇଁ ବାର୍ତ୍ତା ଦେଇଛନ୍ତି। ଗୌତମ ବୁଦ୍ଧଙ୍କର ଜୀବନ ମୂଲ୍ୟଗୁଡ଼ିକୁ ଅଙ୍ଗୀକାର କରିବା ପାଇଁ ସଂକଳ୍ପ ପୁନରାବୃତ୍ତି କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ବୁଦ୍ଧଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନରେ କରୁଣା, ମୈତ୍ରୀ

ଓ ମାନବିକତାକୁ ଶ୍ରେଷ୍ଠ ସ୍ଥାନ ଦେବା ସହିତ ଏକ ସମୃଦ୍ଧ ଓ ପ୍ରଗତିଶୀଳ ରାଜ୍ୟ ଗଠନ ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** କହିଛନ୍ତି, ଆଜିର ଦିନ କେବଳ ଭଗବାନ ବୁଦ୍ଧଙ୍କ ଜନ୍ମ, ଜ୍ଞାନ ପ୍ରାପ୍ତି ଓ ମହାପରିନିର୍ବାଣର ସ୍ମରଣ ଦିବସ ନୁହେଁ ଏହା ମନୁଷ୍ୟକୁ ଜୀବନର ସତ୍ୟ, ଅହିଂସା ଓ କରୁଣାର ପଥକୁ ଅନୁସରଣ କରିବାକୁ ପ୍ରେରଣା ପ୍ରଦାନ କରିଥାଏ।

## ଶ୍ରମିକ ଦିବସ

ରାଷ୍ଟ୍ରର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଉଛି।

ଏହି ଦିବସ ପାଳନ ଅବସରରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମ୍ପାଟି ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିକଶିତ ଓଡ଼ିଶା ଓ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶ୍ରମିକମାନଙ୍କୁ ଶୁଭେଚ୍ଛା  ଜଣାଇଛନ୍ତି। ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ମାଝୀ କହିଛନ୍ତି।

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବିଭିନ୍ନ ଶ୍ରମିକ କଲ୍ୟାଣ ବୋର୍ଡ

ମାଧ୍ୟମରେ ରାଜ୍ୟବ୍ୟାପୀ ୧୫୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ବଣ୍ଟନ କରିବେ। ଏହାସହ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ଜଣାପଡିଛି।

## ଶ୍ରମିକ ଦିବସ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି।

ଶ୍ରମିକମାନେ ହେଉଛନ୍ତି ସମାଜର ମେରୁଦଣ୍ଡ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ **ପ୍ରଦୀପ ବଳସାମନ୍ତ** କହିଛନ୍ତି। **ଯାଜପୁର** ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିବା ସହ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି......

**- V/O - (ପ୍ରଦୀପ ବଳସାମନ୍ତ)**

**ଗଞ୍ଜାମ** ଜିଲ୍ଲାର ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ବିଶ୍ୱବିଦ୍ୟାଳୟରେ କର୍ମରତ ୯୩ ଜଣ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦେଶକୁ ଆଗେଇବାକୁ ହେଲେ ତୃଣମୂଳସ୍ତରରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

**ଭଦ୍ରକ**ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅଶୋକ ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ

ଯୋଗଦେଇ ୨ ହଜାର ୫୨୪ ଜଣ ନିର୍ମାଣ ଶ୍ରମିକଙ୍କୁ ୬ କୋଟି ୩୬ ଲକ୍ଷ ୨୭ ହଜାର ଟଙ୍କା ସହାୟତାରାଶି ପ୍ରଦାନ କରିଛନ୍ତି।

**ନବରଙ୍ଗପୁର**ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ଯୋଗଦେଇ ରାଷ୍ଟ୍ରଗଠନରେ ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ୭୫୮ ଜଣ ଶ୍ରମିକ ହିତାଧିକାରୀଙ୍କୁ ୪ କୋଟି ୫୫ ଲକ୍ଷ ୨୫ ହଜାର ଟଙ୍କାର ବିଭିନ୍ନ ଯୋଜନାରେ ଆର୍ଥିକ ପ୍ରୋତ୍ସାହନ ଓ ସହାୟତା ବଣ୍ଟନ କରାଯାଇଥିଲା।

**ଢେଙ୍କାନାଳ**ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଶ୍ରମିକମାନଙ୍କ ସହଯୋଗ ବିନା କୌଣସି ପ୍ରକାର ନିର୍ମାଣ ସମ୍ଭବ ନୁହେଁ ବୋଲି କହିଛନ୍ତି। ରାଜ୍ୟ ତଥା ଦେଶର ସାମଗ୍ରିକ ବିକାଶ ନିମନ୍ତେ ସେମାନଙ୍କର ନିରନ୍ତର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ୯୬୬ ଜଣ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ୫ କୋଟି ୧୭ ଲକ୍ଷ ୧୩ ହଜାର ୮୦୦ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି।

## ମହାନଦୀ

ମହାନଦୀ ଟ୍ରିବ୍ୟୁନାଲର ଶୁଣାଣି ଆସନ୍ତାକାଲି ହେବ। ଏହା ପୂର୍ବରୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଟ୍ରିବ୍ୟୁନାଲ ପାଇଁ ଓଡ଼ିଶାରେ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ପ୍ରତିମାସରେ ୨ ରୁ ୩ ଥର ଶୁଣାଣି କରାଯାଉଛି। ଛତିଶଗଡ଼ରେ କମିଟି

ଗଠନ ପରେ ସ୍ଥାୟୀ ସମାଧାନ ପାଇଁ ଆଲୋଚନା ଜାରି ରହିବ। ଉଭୟ ରାଜ୍ୟ ମଧ୍ୟରେ ତଥ୍ୟ ଆଦାନ-ପ୍ରଦାନ ସମ୍ପର୍କରେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ

ସାନ୍ତାଳୀ ଭାଷା ଅଲ୍‌ଚିକି ଲିପିର ଉଦ୍ଭାବକ ପଣ୍ଡିତ ଗୁରୁ ଗୋମ୍‌କେ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜନ୍ମବାର୍ଷିକୀ ଆଜି ପାଳନ କରାଯାଉଛି । ସାନ୍ତାଳୀ ଭାଷାର ଲିପି 'ଅଲିଚିକି'ରେ ସୃଷ୍ଟି କରି ପଣ୍ଡିତ ରଘୁନାଥ ମୁର୍ମୁ ଦେଶ ଓ ବିଦେଶରେ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଛନ୍ତି।

ସାନ୍ତାଳୀ ଭାଷାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ଦିଗରେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

**- V/O -**

ବିଧାନସଭା ପାର୍ଶ୍ୱରେ ଥିବା ପଣ୍ଡିତ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ମାଝୀ କହିଛନ୍ତି, ସାନ୍ତାଳୀ ଭାଷାର ବର୍ଣ୍ଣମାଳା ଅଲଚିକି ପ୍ରସ୍ତୁତ କରି ସେ ଇତିହାସ ସୃଷ୍ଟି କରିଥିଲେ। ରାଜ୍ୟବାସୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମୃଦ୍ଧ ସମାଜ ଗଠନ କରିବା ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ।

ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରମୁଖ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିଚାରଣ କରିଛନ୍ତି।

## ପାଣିପାଗ

ରାଜ୍ୟରେ ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି ।